# NATIONAL NEWS BULLETIN (ODIA)
## 21 June - 2024
## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଭାରତ ସମେତ ସମଗ୍ର ବିଶ୍ୱ ଆଜି ପାଳନକରୁଛି ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ।
- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯୋଗ କେବଳ ଏକ ବିଦ୍ୟା ନୁହେଁ, ଏହା ମଧ୍ୟ ଏକ ବିଜ୍ଞାନ ।
- ଓଡ଼ିଶାରେ ରାଜ୍ୟସ୍ତରୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ
- ଛାତ୍ରଛାତ୍ରୀଙ୍କ ସ୍ୱାର୍ଥରକ୍ଷା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏବଂ

- ଆଇସିସି ଟି-୨୦ କ୍ରିକେଟ ବିଶ୍ୱକପର ସୁପର୍-୮ ପର୍ଯ୍ୟାୟରେ ୪୭ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କଲା ଭାରତ ।

# ଯୋଗ ଡେ-ଇଣ୍ଡିଆ

ଭାରତ ସମେତ ଅନେକ ଦେଶରେ ଆଜି ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହେଉଛି । ଜମ୍ମୁ କାଶ୍ମୀର ଆର୍.ଏସ୍.ପୁରା ସ୍ଥିତ ଅନ୍ତର୍ଜାତୀୟ ସୀମାରେଖା ନିକଟରେ ଭାରତୀୟ ସୀମା ସୁରକ୍ଷା ବଳର ଯବାନ ଏବଂ ଅଧିକାରୀମାନେ ଯୋଗଦିବସ ପାଳନ କରିଛନ୍ତି । ଲଦାଖ୍ ର ଲେହସ୍ଥିତ କଲୋନେଲ୍ ସୋନମ୍ ଓ୍ୱାଙ୍ଗଚୁକ୍ ଷ୍ଟାଡିୟମରେ ଭାରତୀୟ ସେନା ଯବାନମାନେ ଯୋଗଦିବସରେ ସାମିଲ ହୋଇଛନ୍ତି । ଦେଶର ଉତ୍ତର ସୀମାଞ୍ଚଳର ସବୁଠାରୁ ଅଧିକ ବରଫାବୃତ ଅଞ୍ଚଳରେ ମଧ୍ୟ ସେନା ଯବାନମାନେ ଯୋଗ ପ୍ରଦର୍ଶନ କରିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦିବସ ପାଳନ କରିଥିବା ବେଳେ ବିଜେପି ସାଂସଦ ମନୋଜ ତିଓ୍ୱାରୀ ସେମାନଙ୍କ ସହ ସାମିଲ ହୋଇଛନ୍ତି । ରାଜସ୍ଥାନରେ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, ଉପମୁଖ୍ୟମନ୍ତ୍ରୀ ପ୍ରେମଚାନ୍ଦ ବୈର୍ଓ୍ୱା ଏବଂ ଅନ୍ୟ କ୍ୟାବିନେଟ୍ ମନ୍ତ୍ରୀମାନେ ଜୟପୁରର ସଓ୍ୱାଇ ମାନ୍ସିଂ ଷ୍ଟାଡିୟମରେ ଯୋଗ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍ ଲକ୍ଷ୍ନୌଠାରେ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଉତ୍ତରାଖଣ୍ଡର ହରିଦ୍ୱାରରେ ଯୋଗ ଗୁରୁ ବାବା ରାମଦେବ ଏବଂ ଆଚାର୍ଯ୍ୟ ବାଲକ୍ରିଷ୍ଣ ଯୋଗ ଦିବସ ପାଳନ କରିଛନ୍ତି ।

# ଯୋଗ-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯୋଗ କେବଳ ଏକ ବିଦ୍ୟା ନୁହେଁ, ଏହା ମଧ୍ୟ ଏକ ବିଜ୍ଞାନ । ଆଜି ଶ୍ରୀନଗରରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯୋଗ ମାଧ୍ୟମରେ ମାନବତାକୁ ଅନୁଭବ କରିହୁଏ ଏବଂ ଏହା ମାଧ୍ୟମରେ ନିଜ ସହ ସାରା ବିଶ୍ୱର ମଙ୍ଗଳ ସାଧିତ ହୋଇଥାଏ । ନିଜ ଓ ସମାଜ ପାଇଁ ଯୋଗର ବାର୍ତ୍ତା ନେଇ ଶ୍ରୀ ମୋଦୀ କହିଛନ୍ତି ବିଶ୍ୱର ମଙ୍ଗଳ ଉଦ୍ଦେଶ୍ୟରେ ଯୋଗ ହିଁ ଏକମାତ୍ର ଉତ୍କୃଷ୍ଟ ଓ ଦୃଢ଼ ମାଧ୍ୟମ ହୋଇପାରିବ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଉତ୍ତମ ସ୍ୱାସ୍ଥ୍ୟ ଏବଂ ସମୃଦ୍ଧି ଲାଗି ସମସ୍ତଙ୍କୁ ପ୍ରତ୍ୟେକ ଦିନ ଯୋଗାଭ୍ୟାସ କରିବା ଲାଗି ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି :

**V/O**

# ଯୋଗ

ସାରା ବିଶ୍ୱରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ହେଉଥିବା ବେଳେ ଦିଲ୍ଲୀରେ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ମନ୍ତ୍ରଣାଳୟର ଅଧିକାରୀମାନେ ଯୋଗ ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ।

ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଦିଲ୍ଲୀର ଯମୁନା ସ୍ପୋର୍ଟସ୍ କଂପ୍ଲେକ୍ସରେ ଯୋଗ ଦିବସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ବିଭାଗୀୟ ସଚିବ ସଂଜୟ ଯାଜୁ ଲୋଧୀ ଗାର୍ଡେନ୍‌ରେ ଯୋଗ କରିଛନ୍ତି । କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜିଜୁ ନୂଆଦିଲ୍ଲୀର ମିଲେନିୟମ୍ ପାର୍କରେ ଆୟୋଜିତ ଅନ୍ତର୍ଜାତୀୟ ଯୋଗଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଯୋଶୀ, ଏଚ୍.ଡି. କୁମାରସ୍ୱାମୀ ଏବଂ ବି.ଏଲ୍ ବର୍ମା ଦିଲ୍ଲୀର ବିଭିନ୍ନ ସ୍ଥାନରେ ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିଛନ୍ତି । ମନୋନୀତ ସେନାମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଏବଂ ନୌସେନା ମୁଖ୍ୟ ଆଡ୍‌ମିରାଲ୍ ଦିନେଶ କେ. ତ୍ରିପାଠୀ ଆଜି ସକାଳେ ଯୋଗାଭ୍ୟାସ କରିଛନ୍ତି ।

ଗୁଜରାଟରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହେଉଛି । ରାଜ୍ୟର ୩୧୨ଟି ସ୍ଥାନରେ ଏହି ଦିବସ ପାଳନ କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ସ୍ୱତନ୍ତ୍ର ଭାବେ ଭାରତ-ପାକ୍ ସୀମାରେଖା ନିକଟ ବନାସକଣ୍ଠା ଜିଲ୍ଲାରେ ରାଜ୍ୟସ୍ତରୀୟ ଯୋଗ ଦିବସ ପାଳନ କରାଯାଉଛି । ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ, କ୍ରୀଡ଼ା ଓ ସଂସ୍କୃତି ମନ୍ତ୍ରୀ ହର୍ଷ ସାଙ୍ଗଭୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ।

୧୦ହଜାରରୁ ଅଧିକ ଲୋକ ଏହି ରାଜ୍ୟସ୍ତରୀୟ ଯୋଗ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ଯୋଗାଭ୍ୟାସ କରୁଥିବା ସୂଚନା ମିଳିଛି ।

ସେହିପରି ଅହମ୍ମଦାବାଦର ପବ୍ଲିକ ପାର୍କରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ସୁରଟରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍ ଯୋଗ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି ।

ବିହାରର ବିଭିନ୍ନ ସ୍ଥାନରେ ଅତ୍ୟନ୍ତ ଉତ୍ସାହର ସହ ଯୋଗ ଦିବସ ପାଳିତ ହେଉଛି । ପାଟନାର ପାଟଳୀପୁତ୍ର ସ୍ପୋର୍ଟସ୍ କଂପ୍ଲେକ୍ସରେ ଯୋଗାଭ୍ୟାସ ଶିବିରରେ ହଜାର ହଜାର ଲୋକ ଯୋଗାଭ୍ୟାସ କରୁଛନ୍ତି । ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ବିଜେପିର ବରିଷ୍ଠ ନେତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସମସ୍ତିପୁରର ସରାଇରଂଜନ ଠାରେ ଯୋଗ ଦିବସ ପାଳନର ନେତୃତ୍ୱ ନେଇଛନ୍ତି । ଦଳୀୟ କାର୍ଯ୍ୟାଳୟ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜେପି ନେତାମାନେ ଯୋଗ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ସୂଚନା ମିଳିଛି । ସଶସ୍ତ୍ର ସୀମା ବଳ ବିହାର ୟୁନିଟ୍ ପକ୍ଷରୁ ପାଟନା ସମେତ ଅନ୍ୟ କେତେକ ସ୍ଥାନରେ ଯୋଗାଭ୍ୟାସ ଶିବିର ଆୟୋଜନ କରାଯାଇଛି ।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମିଲ ହୋଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯୋଗ ହେଉଛି ଭାରତୀୟ ଦର୍ଶନ ଓ

ଜ୍ଞାନପୁଞ୍ଜର ଏକ ଅନୁଭୂତିସିଦ୍ଧ ବିଭବ । ଏହି ଲକ୍ଷ୍ୟ ସାଧନ ନିମନ୍ତେ ନିୟମିତ ଯୋଗ ଅଭ୍ୟାସ କରିବାକୁ ସେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା,  ବାଚସ୍ପତି ସୁରମା ପାଢ଼ୀ ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ସାଂସଦ ଏବଂ ବିଧାୟକ ଜିଲ୍ଲାସ୍ତରୀୟ ଯୋଗ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ।

## କୋବିନ୍ଦ-ଯୋଗ ଡେ

ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯୋଗ କୌଣସି ଜାତି କିମ୍ବା ଧର୍ମ ସହିତ ସଂପୃକ୍ତ ନୁହେଁ, ଏହା ସାରା ବିଶ୍ୱକୁ ଏକ ପରିବାର ଭାବେ ବାନ୍ଧି ରଖିଥାଏ। ଆକାଶବାଣୀ ସମ୍ବାଦବିଭାଗ ସହ ଆଲୋଚନା ସମୟରେ ଶ୍ରୀ କୋବିନ୍ଦ କହିଛନ୍ତି ଯୋଗାଭ୍ୟାସ ଲୋକଙ୍କୁ ଲୋକଙ୍କ ସହ ଏବଂ ସଂପ୍ରଦାୟକୁ ଆଉ ଏକ ସଂପ୍ରଦାୟ ସହ ଯୋଡ଼ିଥାଏ । ଏହା ମାଧ୍ୟମରେ ବିଶ୍ୱର ଗୋଟିଏ ଦେଶ ସହ ଆଉ ଗୋଟିଏ ଦେଶ ଏକତ୍ର ହୁଏ । ସେ କହିଛନ୍ତି ଯୋଗ ଅର୍ଥ ଶରୀର, ମନ ଏବଂ ଆତ୍ମାର ମିଳନ । ସୁସ୍ଥ ଜୀବନଯାପନ ଦିଗରେ ଏବଂ ସୁସ୍ଥ ମାନସିକତା କ୍ଷେତ୍ରରେ ଯୋଗ ବାଟ କଢ଼ାଇଥାଏ । ଏହି ଅବସରରେ ଶ୍ରୀ କୋବିନ୍ଦ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ପିଏମ୍-କାଶ୍ମୀର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଜମ୍ମୁ କାଶ୍ମୀର ଖୁବ୍ ଶୀଘ୍ର ରାଜ୍ୟ ମାନ୍ୟତା ପାଇବ । ଗତକାଲି ଶ୍ରୀନଗରର ଶେର୍-ଇ-କାଶ୍ମୀର ଅନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରରେ ଯୁବ ସଶକ୍ତିକରଣ, ଜମ୍ମୁ କାଶ୍ମୀର ରୂପାନ୍ତର ଶୀର୍ଷକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି କିଛିଦିନ ପୂର୍ବେ ଜମ୍ମୁ କାଶ୍ମୀରରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣର ଦୃଢ଼ ଜବାବ ଦିଆଯିବ । ଗତକାଲିଠାରୁ ଦୁଇଦିନିଆ ଜମ୍ମୁ କାଶ୍ମୀର ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଅନେକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରାସ୍ତା ସଂଯୋଗୀକରଣ, ଜଳଯୋଗାଣ ଓ ଉଚ୍ଚଶିକ୍ଷା ଭିତ୍ତିଭୂମି ସୁଦୃଢ଼ିକରଣ ରହିଛି । ମୋଟ୍ ପ୍ରକଳ୍ପଗୁଡ଼ିକର ମୂଲ୍ୟ ୧୫ଶହ କୋଟି ଟଙ୍କାରୁ ଅଧିକ ହେବ ବୋଲି ସୂଚନା ମିଳିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କୃଷି ଏବଂ ସହଯୋଗୀ କ୍ଷେତ୍ର ପ୍ରକଳ୍ପ ଗୁଡ଼ିକ କ୍ଷେତ୍ରରେ ପ୍ରାୟ ୧୮ଶହ କୋଟି ଟଙ୍କାର ବିଭିନ୍ନ ଯୋଜନାର ଶୁଭାରମ୍ଭ କରିଛନ୍ତି । ଜମ୍ମୁ କାଶ୍ମୀର ସରକାରଙ୍କ ଦ୍ୱାରା ଚୟନ କରାଯାଇଥିବା ୨ହଜାର ଯୁବକଙ୍କୁ ସେ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି । ଏ ସଂପର୍କିତ କାର୍ଯ୍ୟକ୍ରମ ଗୁଡ଼ିକରେ ପ୍ରଧାନମନ୍ତ୍ରୀଙ୍କ ସହ ଆୟୁଷ ମନ୍ତ୍ରୀ ପ୍ରତାପ ରାଓ ଯାଦବ, ଜମ୍ମୁକାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଧର୍ମେନ୍ଦ୍ର ପ୍ରଧାନ-ଛାତ୍ରଛାତ୍ରୀ

ଦେଶର ଛାତ୍ରଛାତ୍ରୀଙ୍କୁ ସ୍ୱାର୍ଥ ରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ପ୍ରତି ଦେଶରେ ନିଟ୍-ୟୁଜି ପରୀକ୍ଷା ବିବାଦ ସମ୍ପର୍କରେ ସୂଚନା ଦେଇ ଶ୍ରୀ ପ୍ରଧାନ କହିଛନ୍ତି ତ୍ରୁଟିଶୂନ୍ୟ ପରୀକ୍ଷା କରାଇବା ସରକାରଙ୍କ ପ୍ରତିବଦ୍ଧତା । ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସରକାର କାର୍ଯ୍ୟକରିବା ସହ କୌଣସି ସ୍ଥିତିରେ ବି ଏଥିରେ ବୁଝାମଣା କରାଯିବ ନାହିଁ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଏହି ପରୀକ୍ଷା ପରିଚାଳନା କରିଥିବା ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଯେ କୌଣସି ଅଧିକାରୀ ବା ଅନ୍ୟ ଯେକୌଣସି ବ୍ୟକ୍ତି ଏଥିରେ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନ୍‌ଟିଏରେ ସଂସ୍କାର ନେଇ ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବେ । ଏହାର ସୁପାରିଶ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ । ତେବେ ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଗୁଜବରୁ ଦୂରେଇ ରହିବା ପାଇଁ ଶିକ୍ଷାମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।

# କ୍ରିକେଟ୍

ଆଇସିସି ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ସୁପର୍-୮ ପର୍ଯ୍ୟାୟରେ ଭାରତ ୪୭ ରନ୍‌ରେ ଆଫଗାନିସ୍ତାନକୁ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ

କରି ଭାରତ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୮୧ ରନ୍  ସ୍କୋର କରିଥିଲା । ଏହାର ଜବାବରେ ଆଫଗାନିସ୍ତାନ ୨୦ ଓଭର୍‌ରେ ୧୦ ୱିକେଟ୍ ହରାଇ ୧୩୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ସୂର୍ଯ୍ୟକୁମାର ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା ।

ଆଜି ସୁପର୍-୮ ପର୍ଯ୍ୟାୟରେ ବାଙ୍ଗଲାଦେଶ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଣ୍ଟିଗୋଆ ର ସାର୍ ଭିଭିଆନ୍ ରିଚାର୍ଡ୍‌ସ୍ ଷ୍ଟାଡିୟମରେ ମ୍ୟାଚ୍ ଚାଲିଛି । ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍‌ଡିଂ ପାଇଁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ବାଙ୍ଗଲାଦେଶ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୪୦ ରନ୍ ସ୍କୋର କରିଛି । ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆ ୬ ଓଭର୍ ୨ଟି ବଲ୍‌ରେ ୬୪ ରନ୍ ସଂଗ୍ରହ କରିଛି ।

ଭାରତୀୟ ସମୟ ଆଜି ରାତି ୮ଟାରେ ସୁପର୍-୮ ପର୍ଯ୍ୟାୟର ଗ୍ରୁପ୍-୨ରେ ଇଂଲଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ସେଣ୍ଟ ଲୁଇସିଆସ୍ଥିତ ଡାରେନ୍ ସାମୀ ନ୍ୟାଶନାଲ୍ କ୍ରିକେଟ୍ ଷ୍ଟାଡିୟମରେ ମୁକାବିଲା ହେବ ।